# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କର କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା

**ବିଜ୍ଞାପନ ସଂଖ୍ୟା:-୧୨୩** **ତାରିଖ .-୦୫.୦୨.୨୦୨୬**

ଏତଦ୍ୱାରା ନିମ୍ନରେ ଦର୍ଶାଯାଇଥିବା ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ନିମ୍ନ ଯୋଗ୍ୟତା ଥିବା ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରଯାଉଅଛି । ଯେଉଁ ପ୍ରାର୍ଥିନୀମାନେ ଉକ୍ତ ପଦବୀ ପାଇଁ ଇଚ୍ଛୁକ ଓ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରୁଥିବେ, ସେମାନେ Online Portal ମାଧ୍ୟମରେ **Website(http://engagement-awc.odisha.gov.in)** ର public portal ରେ Login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତା ପ୍ରମାଣପତ୍ର Upload କରି ଆସନ୍ତା **ତା.୦୬.୦୨.୨୦୨୬ ରିଖ ରୁ ତା.୨୦.୦୨.୨୦୨୬** ରିଖ ମଧ୍ୟରେ ଦରଖାସ୍ତ ଆବେଦନ କରିପାରିବେ । ଏହା ବ୍ୟତୀତ Offline ଆବେଦନ ଗ୍ରହଣ କରାଯିବ ନାହିଁ । ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନୂତନ ମାର୍ଗଦର୍ଶିକା ପତ୍ର ସଂଖ୍ୟା **4790/WCD ତା. 15.03.2023** ର ନିୟମାବଳୀ ଅନୁଯାୟୀ ଅଙ୍ଗନୱାଡି କର୍ମୀ ଚୟନ କରାଯିବ ।

| କ୍ର. ସଂ. | ଅ.କେନ୍ଦ୍ରର ନାମ | ଗ୍ରା.ପ.ର ନାମ | ଦରଖାସ୍ତ ଆହ୍ୱାନ କରାଯାଇଥିବା ଅଙ୍ଗନୱାଡି କେନ୍ଦ୍ରର ସର୍ଭେ ରେଜିଷ୍ଟର ଅନୁସାରେ ସେବାସ୍ଥଳ ର ନାମ ଓ ଘର ନଂ |
|---|---|---|---|
| ୧ | ଗନ୍ଧର୍ଲା – କ | ଗନ୍ଧର୍ଲା | ଯୁଗରାଜ ଶିକା ଙ୍କର ସର୍ଭେ ଘର ନମ୍ବର ୦୦୧ ରୁ ଧନୁ ନାଗ ଙ୍କର ଘର ନମ୍ବର ୨୨୪ |

## ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା ଓ ସର୍ତ୍ତାବଳୀ –

୧) ଆବେଦନକାରୀ ଜଣେ ମହିଳା ପ୍ରାର୍ଥୀ ହୋଇଥିବେ ।

୨) ପ୍ରାର୍ଥୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩) ପ୍ରାର୍ଥୀଙ୍କ ବୟସ ତା. ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଅଧିକ ହୋଇନଥିବ ।

୪) ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ପାସ ହୋଇଥିବ ।

୫) ଉକ୍ତ ପଦବୀ ସମ୍ପୂର୍ଣ ଅସ୍ଥାୟୀ ଅଟେ ଓ ମନୋନୀତ ଅଙ୍ଗନବାଡି କର୍ମୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମାସିକ ସମ୍ମାନ ସୂଚକ ଭତ୍ତା ପ୍ରଦାନ କରାଯିବ ।

୬) ପ୍ରାର୍ଥୀଙ୍କ ଓଡିଆ ଭାଷା ଜ୍ଞାନ ବାଧ୍ୟତାମୂଳକ ।

୭) ଆବେଦନକାରୀଙ୍କ ଠାରୁ ପାଇଥିବା ସମସ୍ତ ଆବେଦନ ଫର୍ମ ଆସନ୍ତା ତା. ୨୧.୦୨.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଯିବ । ସମସ୍ତ ଆବେଦନକାରୀ ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କର ସମସ୍ତ ମୂଳ ପ୍ରମାଣପତ୍ର ସହିତ ନିଜେ ଉପସ୍ଥିତ ରହି ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇନେବେ । ନିର୍ଦ୍ଧାରିତ ସମୟରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇ ନପାରିଲେ ଉକ୍ତ ଆବେଦନ ଫର୍ମ କୁ ନାକଚ (reject) କରାଯିବ । ( ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ଦରଖାସ୍ତ ଓ ମୂଳ ପ୍ରମାଣ ପତ୍ର ଗୁଡିକ ଯାଞ୍ଚ ତାରିଖ ପରିବର୍ତ୍ତନ କରାଯାଇପାରେ ।)

୮) ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

୯) ଚୟନ ପ୍ରଣାଳୀ:- ଅଙ୍ଗନୱାଡି କର୍ମୀ ପଦବୀ ଏକ ସରକାରୀ ଚାକିରୀ ନୁହେଁ । ଏହା ଏକ ସ୍ୱେଚ୍ଛାସେବୀ ପଦବୀ ଅଟେ । ପ୍ରାର୍ଥୀନୀ ଙ୍କ ଦ୍ୱାଦଶ ର( ଅତିରିକ୍ତ ବିଷୟ କୁ ବାଦ ଦେଇ ) ପରୀକ୍ଷା ରେ ପ୍ରାପ୍ତ ଶତକଡା ମାର୍କ (ଦ୍ୱାଦଶ) ପରୀକ୍ଷା ରେ ପ୍ରାପ୍ତ ଶତକଡା ମାର୍କ (ଦ୍ୱାଦଶ) ତାଲିକା ପ୍ରସ୍ତୁତ କରାଯିବ । ତେବେ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି /ଦୁସ୍ଥା/ ଅନାଥ/ବିଧବା/ ସ୍ୱାମୀ ପରିତ୍ୟକ୍ତା / ଉଚ୍ଚ ଶିକ୍ଷିତା/ ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ)/ ନିରାଶ୍ରୟ/ ଛାଡପତ୍ର ପ୍ରାପ୍ତ/ ପରିତ୍ୟକ୍ତ ମହିଳା / ଯଦି ପ୍ରାର୍ଥୀ ଅତୀତରେ ସମଗ୍ର ଶିକ୍ଷା/NPEGEL ଅଧୀନରେ ECCE କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି / ଯଦି ପ୍ରାର୍ଥୀ ଅତୀତରେ ଗାଁରେ ବାଲୱାଡିକର୍ମୀ ଭାବରେ କାର୍ଯ୍ୟ କରିଛନ୍ତି ତାଙ୍କୁ ନିଆମାନୁଯାୟୀ ଅତିରିକ୍ତ ମାର୍କ ପ୍ରଦାନ କରାଯିବ । ଆବଶ୍ୟକୀୟ ପ୍ରମାଣ ପତ୍ର website ରେ upload ହୋଇ ନ ଥିଲେ ସେହି ଆବେଦନ କାରୀଙ୍କୁ ଅତିରିକ୍ତ ପଏଣ୍ଟ ମିଳିବ ନାହିଁ ।



ଅ.ପୃ.ଦ.

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**
**ବଙ୍ଗୋମୁଣ୍ଡା**

## ଆବେଦନ କଲା ସମୟରେ ଆବେଦନ ଫର୍ମ ସହିତ ନିମ୍ନଲିଖିତ ପ୍ରମାଣପତ୍ର ସଂଲଗ୍ନ (Upload)କରିବେ

୧) ମାଟ୍ରିକ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର । (ଉଭୟ ସାର୍ଟିଫିକେଟ ଓ ମାର୍କସିଟ)

୨) ଦ୍ୱାଦଶ ପରୀକ୍ଷା ର ଉଭୟ ସାର୍ଟିଫିକେଟ ଓ ମାର୍କସିଟ ।

୩) ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣପତ୍ର । (ସରକାରଙ୍କ ନିୟମ ଅନୁସାରେ ଉପଯୁକ୍ତ ହୋଇଥିବା ଆବଶ୍ୟକ)

୪) ଯଦି ବିଧବା (ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର)/ ଅନାଥ (ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ ପ୍ରମାଣିତ)/ ଶାରୀରିକ ଭିନ୍ନକ୍ଷମ (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ପ୍ରାପ୍ତ ୪୦% ରୁ ଉର୍ଦ୍ଧ୍ୱ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର)/ଛାଡପତ୍ର ପ୍ରାପ୍ତ (ଅଦାଲତ ରୁ ପ୍ରମାଣିତ)/ ନିରାଶ୍ରୟ/ ପରିତ୍ୟକ୍ତ ହୋଇଥିଲେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ର ।

୫) ଯଦି ଆବେଦନକାରୀ ଅତୀତରେ ସମଗ୍ର ଶିକ୍ଷା କିମ୍ବା NPEGEL ଅଧୀନରେ ECCE କର୍ମୀଭାବେ କାର୍ଯ୍ୟ କରିବାର କୌଣସି ଅଭିଜ୍ଞତା ଥାଏ ତାର ଉପଯୁକ୍ତ ପ୍ରମାଣପତ୍ର ।

୬) ଯଦି ଆବେଦନକାରୀ ଅତୀତରେ ବାଲୱାଡି କର୍ମୀ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ଥାଏ ତାର ଉପଯୁକ୍ତ ପ୍ରମାଣପତ୍ର ।

୭) ଅଭିଜ୍ଞତା ପ୍ରମାଣ ପତ୍ର । (ଯଦି ଥାଏ )

୮) ଏକ ଗୋଟି ପାସ ପୋର୍ଟ ସାଇଜର ଫଟୋ ।

୯) ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର ୱେବସାଇଟ ରେ ସଂଲଗ୍ନ (upload )ହୋଇଥିବା ଆବଶ୍ୟକ ।

୧୦) ଆବେଦନ ଫର୍ମ ସହିତ ଆବଶ୍ୟକୀୟ ପ୍ରମାଣପତ୍ର ଗୁଡିକୁ ସଂଲଗ୍ନ (upload) କରିବେ ନଚେତ ଆବେଦନ ଫର୍ମ କୁ ନାକଚ (reject) କରାଯିବ ।

ସାମ୍ବିନୀ ଭୋଇ
୦୫.୦୨.୨୨

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ବଙ୍ଗୋମୁଣ୍ଡା

ଜ୍ଞାପନ ସଂଖ୍ୟା:- ୧୨୪ /ତା. ୦୫.୦୨.୨୦୨୨

ଏହାର ଏକ କିତା ନକଲ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ ଏହି କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ପାଇଁ ନିର୍ଦ୍ଦେଶ ଦିଆଗଲା ।

ଏହାର ଏକ କିତା ନକଲ ସମ୍ପୃକ୍ତ କେନ୍ଦ୍ରର ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀ/ ମହିଳା ପର୍ଯ୍ୟବେକ୍ଷିକା, ଙ୍କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ଉକ୍ତ କେନ୍ଦ୍ରାଞ୍ଚଳର ଜନଗହଳି ସ୍ଥାନରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଛାପିବେ ଓ ବହୁଳ ପ୍ରଚାର ନିମନ୍ତେ ବ୍ୟବସ୍ଥା କରିବେ ।

ଏହାର ଏକ କିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ ପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ବ୍ୟବସ୍ଥା କରାଇବେ ।

ସାମ୍ବିନୀ ଭୋଇ
୦୫.୦୨.୨୨

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ବଙ୍ଗୋମୁଣ୍ଡା

ଜ୍ଞାପନ ସଂଖ୍ୟା:- ୧୨୫ /ତା. ୦୫.୦୨.୨୦୨୨

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା / ମୁଖ୍ୟ ଚିକିତ୍ସା ଅଧିକାରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ସିନ୍ଧେକେଲା / ଗୋଷ୍ଠି ଶିକ୍ଷା ଅଧିକାରୀ, ବଙ୍ଗୋମୁଣ୍ଡା/ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ,ପଞ୍ଚାୟତ ସମିତି ବଙ୍ଗୋମୁଣ୍ଡା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ବ୍ୟବସ୍ଥା କରାଇବେ ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଟିଟିଲାଗଡ/ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ବଲାଙ୍ଗିରଙ୍କ ସଦୟ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା ।

ସାମ୍ବିନୀ ଭୋଇ
୦୫.୦୨.୨୨

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ବଙ୍ଗୋମୁଣ୍ଡା